بسم الله الرحمٰن الرحيم

খୁତବା ଜୁମା ୧୫ ମାର୍ଚ୍ଚ ୨୦୧୯ର ସାରାଂଶ
ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍, ମର୍ଡନ୍ ଲଣ୍ଡନ (ବ୍ରିଟେନ୍)

# ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦରୀ ସାହାବାମାନଙ୍କର ବିଶ୍ୱାସବର୍ଦ୍ଧକ, ହୃଦୟଦ୍ରାବୀ ଓ ମନୁଷ୍ତ୍ୱକର ଚର୍ଚ୍ଚା ।

ତଶହୁଦ୍, ତଊଜ୍ ଏବଂ ସୁରେ ଫାତିହାର ଆବୃତ୍ତି ପରେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଆଜି ଯେଉଁ ସାହାବିମାନଙ୍କର ଚର୍ଚ୍ଚା କରିବି ତନ୍ମଧ୍ୟରୁ ସର୍ବପ୍ରଥମ ନାମ ହେଲା ହଜ଼ରତ୍ ସାଏବ୍ ବିନ୍ ଉସମାନ୍ ର.ଅ । ସେ ହଜ଼ରତ୍ ହଜ଼ରତ୍ ଉସମାନ୍ ବିନ୍ ମଜ଼ଊନ୍ ର.ଅଙ୍କର ପୁତ୍ର ଥିଲେ । ତାଙ୍କ ମାତାଙ୍କ ନାମ ହଜ଼ରତ୍ ଖୱାଲା ବିନତ୍ ହକିମ୍ ଥିଲା ଏବଂ ଇସଲାମର ପ୍ରାରମ୍ଭିକ ପର୍ଯ୍ୟାୟରେ ହିଁ ସେ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ । ହଜ଼ରତ୍ ସାଏବ୍ ବିନ୍ ଉସମାନ୍ ନିଜର ପିତା ଏବଂ ଦାଦା ହଜ଼ରତ୍ କୁଦାମାଙ୍କ ସଙ୍ଗେ ହବଶା ଆଡ଼କୁ ଦ୍ୱିତୀୟ ପ୍ରବାସରେ ଶାମିଲ୍ ଥିଲେ । ତାଙ୍କର ଚର୍ଚ୍ଚା ଆଁହଜ଼ରତ୍ ସ.ଅଙ୍କ ଧନୁଚାଳନାକାରୀଙ୍କ ମଧ୍ୟରେ କରାଯାଏ । ହଜ଼ରତ୍ ସାଏବ୍ ବିନ୍ ଉସମାନ୍ ବଦର୍, ଓହୋଦ୍, ଖନ୍ଦକ୍ ଏବଂ ଅନ୍ୟ ସମସ୍ତ ଯୁଦ୍ଧରେ ଆଁହଜ଼ରତ୍ ସ.ଅଙ୍କ ସହିତ ଶାମିଲ୍ ଥିଲେ । ବୱାତ୍ ଯୁଦ୍ଧ ଅବସରରେ ଆଁହଜ଼ରତ୍ ସ.ଅ ତାଙ୍କୁ ମଦିନାର ଅମୀର (ଅଧ୍ୟକ୍ଷ) ରୂପେ ନିଯୁକ୍ତ କରିଥିଲେ । ବୱାତ୍ ଯୁଦ୍ଧ ୨ ହିଜରୀରେ ହୋଇଥିଲା । ବୱାତ୍ ମଦିନା ଠାରୁ ପ୍ରାୟ ୪୮ ମାଇଲ୍ ଦୂରତାରେ ଜୁହେଁନା ସଂପ୍ରଦାୟର ଏକ ପାହାଡ଼ର ନାମ ଅଟେ । ହଜ଼ରତ୍ ସାଏବ୍ ବିନ୍ ଉସମାନ୍ ୟମାମା ଯୁଦ୍ଧରେ ଶାମିଲ୍ ଥିଲେ । ୟମାମା ଯୁଦ୍ଧ ହଜ଼ରତ୍ ଅବୁ ବକ୍କର୍ ର.ଅଙ୍କ ଶାସନକାଳରେ ୧୨ ହିଜରୀରେ ହୋଇଥିଲା । ଯେଉଁ ଯୁଦ୍ଧରେ କି ତାଙ୍କୁ ତୀର ବାଜି ଥିଲା । ଯାହାଫଳରେ ସେ ପ୍ରାଣ ହରାଇଥିଲେ । ମୃତ୍ୟୁବେଳେ ତାଙ୍କୁ ପ୍ରାୟ ୩୦ବର୍ଷରୁ ଉର୍ଦ୍ଧ୍ୱ ବୟସ ହୋଇଥିଲା ।

ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ୍ ଜୁମରାହ୍ ବିନ୍ ଅମ୍ର ଜୁହନି ର.ଅ । ସେ ବନୁ ଜ଼ରିଫ୍ ସଂପ୍ରଦାୟର ମିତ୍ର ଥିଲେ । ହେଲେ କେତେକଙ୍କ ନିକଟରେ ସେ ବନୁ ସାଆଦାହ୍ ସଂପ୍ରଦାୟର ମିତ୍ର ଥିଲେ ଯାହାକି ହଜ଼ରତ୍ ସାଆଦ୍ ବିନ୍ ଉବାଦାଙ୍କ ସଂପ୍ରଦାୟ ଥିଲା । ହଜ଼ରତ୍ ଜୁମରାହ୍ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ଥିଲେ । ବଦର୍ ଯୁଦ୍ଧରେ ସେ ବୀରଗତି ପ୍ରାପ୍ତ କରିଥିଲେ । ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ୍ ସାଆଦ୍ ବିନ୍ ସୁହେଁ ର.ଅ । ସେ ବଦର୍, ଓହୋଦ୍ ଏବଂ ଖନ୍ଦକ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ଥିଲେ ।

ପୁନଶ୍ଚ ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ୍ ସାଆଦ୍ ବିନ୍ ଉବୈଦ୍ ର.ଅ । ସେ ବଦର୍, ଓହୋଦ୍ ଏବଂ ଖନ୍ଦକ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ଥିଲେ । ସା କାରୀର ଗୋତ୍ରରୁ ହିଁ ବିଖ୍ୟାତ ଥିଲେ । ସେ ଅବୁ ଜ୍ୱୈଦ୍ ଉପାଧିରେ ଭୂଷିତ ଥିଲେ । ହଜ଼ରତ୍ ସାଆଦ୍ ବିନ୍ ଉବୈଦ୍ ସେହି ୪ ଜଣ ସାହାବିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ ଯେଉଁମାନେ ଅନସାରମାନଙ୍କ ମଧ୍ୟରୁ ରସୁଲୁଲ୍ଲାଃ ସ.ଅଙ୍କ କାଳରେ କୁରଆନ୍ ଏକତ୍ରିତ କରିଥିଲେ । ତାଙ୍କର ପୁତ୍ର ଉମୈର୍ ବିନ୍ ସାଆଦ୍ ହଜ଼ରତ୍ ଉମର୍ ର.ଅଙ୍କ ଶାସନ କାଳରେ ଶାମ୍ (ରୋମ୍ ଦେଶର ସାଗରର ତଟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଏକ ଦେଶର ନାମ) ଦେଶର ଏକ ଭୂଖଣ୍ଡର ଶାସକ ଥିଲେ । ଏକ ରିୱାୟତ୍ ଅନୁଯାୟୀ ହଜ଼ରତ ସାଆଦ୍ ବିନ୍ ଉବୈଦ୍ ଆଁହଜ଼ରତ୍ ସ.ଅଙ୍କ କାଳରେ ମସଜିଦେ କୁବାରେ ଇମାମତ୍ (ନମାଜ଼ରେ ନେତୃତ୍ୱ କରୁଥିବା ବ୍ୟକ୍ତି) କରୁଥିଲେ । ହଜ଼ରତ୍ ଅବୁ ବକ୍କର୍ ସିଦ୍ଦିକ୍ ର.ଅ ଏବଂ ହଜ଼ରତ୍ ଉମର୍ ର.ଅଙ୍କ ଶାସନ କାଳରେ ମଧ୍ୟ ଇମାମତ୍ ପଦରେ ଅଧିଷ୍ଠିତ ଥିଲେ । ହଜ଼ରତ୍ ସାଆଦ୍ ବିନ୍ ଉବୈଦ୍ ର.ଅ ପ୍ରବାସର ୧୬ ତମ ବର୍ଷରେ କାଦସିୟା ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । ବୀରଗତି ପ୍ରାପ୍ତ ସମୟରେ ତାଙ୍କୁ ୬୪ ବର୍ଷ

ବୟସ ହୋଇଥିଲା । ଅବ୍ଦୁର୍ ରହମାନ୍ ବିନ୍ ଅଫ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଜୁସ୍ର ଯୁଦ୍ଧ ଯାହାକି ୧୩ ହିଜରୀରେ ହୋଇଥିଲା । ଏହି ଯୁଦ୍ଧରେ ମୁସଲମାନମାନଙ୍କର ବହୁତ କ୍ଷତି ଘଟିଥିଲା । ତହିଁରେ ହଜ଼ରତ୍ ସାଆଦ୍ ବିନ୍ ଉବୈଦ୍ ପରାଜିତ ହୋଇ ଫେରି ଆସିଥିଲେ । ଅର୍ଥାତ୍ ଯୁଦ୍ଧ ଭୂମିରୁ ପଳାୟନ କରିଥିଲେ । ତେବେ ହଜ଼ରତ୍ ଉମର୍ ର.ଅ ହଜ଼ରତ୍ ସାଆଦଙ୍କୁ ପଚାରିଲେ ଯେ, ଶାମ୍ ଦେଶର ଜିହାଦରେ ଆପଣଙ୍କର ଅଭିରୁଚି ରହିଛି କି? ହଜ଼ରତ୍ ଉମର୍ ର.ଅ କହିଲେ ଯେ, ସେଠାରେ ମୁସଲମାନମାନଙ୍କୁ ହତ୍ୟା କରାଯାଇଛି ଏବଂ ମୁସଲମାନମାନଙ୍କୁ ବହୁତ କ୍ଷତି ସହିବାକୁ ପଡ଼ିଛି । ଯଦି ଆପଣ ଜୁସ୍ର ଯୁଦ୍ଧର କଳଙ୍କକୁ ଲିଭାଇବାକୁ ଚାହୁଁଛନ୍ତି ତେବେଆପଣ ସେଠାକୁ ଯାଆନ୍ତୁ, ସେଠାରେ ମଧ୍ୟ ଯୁଦ୍ଧ ହେଉଅଛି । ହଜ଼ରତ୍ ସାଆଦ୍ ର.ଅ ଉତ୍ତର ଦେଲେ ଯେ, ମୁଁ ଏହି ଯୁଦ୍ଧ ଭୂମି ବ୍ୟତୀତ ଅନ୍ୟ କେଉଁଠି ବି ଯିବି ନାହିଁ । ଯେଉଁଠାରୁ ମୁଁ ପଳାୟନ କରିଛି ଏବଂ ସେଠାରେ ମୁଁ ଶତ୍ରୁ ବିପକ୍ଷରେ ହିଁ ଯୁଦ୍ଧ ଲଢ଼ିବି । ସୁତରାଂ ହଜ଼ରତ୍ ସାଆଦ୍ ବିନ୍ ଉବେଦ୍ କାଦସିୟା ଆସିଲେ ଏବଂ ସେଠାରେ ଲଢ଼ୁ ଲଢ଼ୁ ବୀରଗତି ପ୍ରାପ୍ତ କଲେ । ଅବ୍ଦୁର୍ ରହମାନ୍ ବିନ୍ ଉବୈଦ୍ ବିନ୍ ଅବୁ ଲୈଲା ବର୍ଣ୍ଣନା କରନ୍ତି ଯେ, ହଜ଼ରତ୍ ସାଆଦ୍ ବିନ୍ ଉବୈଦ୍ ର.ଅ ଲୋକମାନଙ୍କୁ ଉପଦେଶ ଦେଲେ ଏବଂ କହିଲେ ଯେ, ଆସନ୍ତା କାଲି ଆମ୍ଭେମାନେ ଶତ୍ରୁମାନଙ୍କ ବିପକ୍ଷରେ ଲଢ଼ିବୁ ଏବଂ ଆସନ୍ତା କାଲି ହିଁ ଆମେମାନେ ବୀରଗତି ପ୍ରାପ୍ତ କରିବୁ । ଅତଃ ତୁମେମାନେ ଅମମାନଙ୍କର ଶରୀରୁ ରକ୍ତକୁ ଧୋଇବ ନାହିଁ ଏବଂ ଆମେମାନେ ପରିଧାନ କରିଥିବା ବସ୍ତ୍ର ବ୍ୟତୀତ କୌଣସି ପ୍ରକାର କଫନ୍ (ବସ୍ତ୍ର) ପିନ୍ଧାଇବ ନାହିଁ । ଅର୍ଥାତ୍ ସେହି ବସ୍ତ୍ରରେ ହିଁ ଆମ୍ଭମାନଙ୍କୁ କବର ଦେବ ।

ପରବର୍ତ୍ତୀ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହଜ଼ରତ୍ ସହଲ୍ ବିନ୍ ଅତିକ୍ ର.ଅ । ସେ ୭୦ ଜଣ ଅନସାରଙ୍କ ସହିତ ବୈଅତେ ଅକ୍ବା ସାନିୟାରେ ଶାମିଲ୍ ହୋଇଥିଲେ । ତାଙ୍କୁ ବଦର୍, ଓହୋଦ୍ ଯୁଦ୍ଧରେ ଶାମିଲ୍ ହେବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ୍ ସୁହୈଲ୍ ବିନ୍ ରାଫେ ର.ଅ । ସେ ବନୁ ନଜ୍ଜାର୍ ସଂପ୍ରଦାୟଭୁକ୍ତ ଥିଲେ । ଯେଉଁ ଭୂମିରେ ମସଜିଦେ ନବୱୀ ନିର୍ମାଣ ହୋଇଥିଲା ତାହା ହଜ଼ରତ୍ ସୁହୈଲ୍ ଏବଂ ତାଙ୍କର ଭାଇ ସହଲଙ୍କ ସଂପତ୍ତି ଥିଲା । ହଜ଼ରତ୍ ସୁହୈଲ୍ ବଦର୍, ଓହୋଦ୍, ଖନ୍ଦକ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ଥିଲେ ଏବଂ ହଜ଼ରତ୍ ଉମର୍ ର.ଅଙ୍କ ଶାସନ କାଳରେ ମୃତ୍ୟୁବରଣ କରିଥିଲେ ।

ହଜ଼ରତ୍ ମିର୍ଜ୍ଜା ବଶୀରୁଦ୍ଦୀନ୍ ମହମୁଦ୍ ଅହମଦ୍ ସାହେବ୍ ର.ଅ ସିରତ୍ ଖାତମୁନ୍ ନବୀୟିନ୍-ରେ ଉଲ୍ଲେଖ କରିଛନ୍ତି ଯେ, ମଦିନାକୁ ପ୍ରବାସ କଲାପରେ ଅଧିବାସର ସର୍ବପ୍ରଥମ କାମ ବା କର୍ତ୍ତବ୍ୟ ମସଜିଦେ୍ ନବୱୀର ନିର୍ମାଣ ଥିଲା । ଯେଉଁ ଜମି ବା ସ୍ଥାନରେ ଆଁହଜ଼ରତ୍ ସ.ଅଙ୍କର ଓଟ ଆସି ବସିଥିଲା ତାହା ମଦିନାର ଦୁଇ ଜଣ ମୁସଲମାନ ବାଳକ ସହଲ୍ ଏବଂ ସୁହୈଲ୍ ର.ଅଙ୍କ ସମ୍ପତ୍ତି ଥିଲା । ଯେଉଁମାନେ କି ଅସଅଦ୍ ଜ଼ରାରହଙ୍କ ତତ୍ତ୍ୱାବଧାନରେ ପାଳିତ ହେଉଥିଲେ । ଏହା ଏକ ଅଜ୍ଞାତ ଏବଂ ଜନବସତି ଶୂନ୍ୟ ଜାଗା ଥିଲା ଯାହାର ଏକ ଅଂଶରେ ଖଜୁରୀର ଗୋଟିଏ ଦୁଇଟି ବୃକ୍ଷ ରୋପଣ ହୋଇଥିଲା ତ' ଅନ୍ୟ ପାର୍ଶ୍ୱରେ କିଛି ପରିତ୍ୟକ୍ତ ଗୃହ ଆଦି ରହିଥିଲା। ଆଁହଜ଼ରତ୍ ସ.ଅ ସେହି ସ୍ଥାନକୁ ମସଜିଦ୍ ଏବଂ ନିଜର ଗୃହ ନିର୍ମାଣ ପାଇଁ ପସନ୍ଦ କରିଥିଲେ ଏବଂ ୧୦ ଦିନାରରେ ହୁଜୁର୍ ସ.ଅ ଉକ୍ତ ଜମିକୁ କ୍ରୟ କରି ନେଇଥିଲେ ଏବଂ ଜମିକୁ ସମାନ କରି ସେଠାରେ ବୃକ୍ଷକୁ କାଟି ମସଜିଦ୍ ନବୱୀର ନିର୍ମାଣ କାମ ଆରମ୍ଭ କରି ଦେଇଥିଲେ । ଅନ୍ୟ ଏକ ରିୱାୟତ୍ ଅନୁଯାୟୀ ସେହି ଜମିର ଅର୍ଥ ହଜ଼ରତ୍ ଅବୁ ବକ୍କର୍ ର.ଅ ପୈଠ କରିଥିଲେ। ପୁନଶ୍ଚ ଖଲିଫା ସାନି ର.ଅ ଉଲ୍ଲେଖ କରନ୍ତି ଯେ, ସେହ ଜମିକୁ ସମାନ କରି ଏବଂ ବୃକ୍ଷଗୁଡ଼ିକୁ କାଟିବା ପରେ ମସଜିଦେ ନବୱୀର ନିର୍ମାଣ କାମ ଆରମ୍ଭ ହୋଇଥିଲା। ଯେପରି ଆଁହଜ଼ରତ୍ ସ.ଅ କୁବାର ମସଜିଦ୍ ଅବସରରେ ପ୍ରଥମେ ଦୁଆ ବା ପ୍ରାର୍ଥନା କଲେ ଏବଂ ପରେ ଭିତ୍ତି ପ୍ରସ୍ତର ସ୍ଥାପନ କଲେ ଏବଂ ସାହାବାମାନେ ନିର୍ମାଣକାରୀ ଏବଂ ମୂଲିଆ ରୂପେ କାର୍ଯ୍ୟ କରିଥିଲେ । ଠିକ୍ ସେହିପରି ଆଁହଜ଼ରତ୍ ସ.ଅ ସ୍ୱୟଂ ପ୍ରାର୍ଥନା କରି ଭିତ୍ତି ପ୍ରସ୍ତର ସ୍ଥାପନ କଲେ ଏବଂ ସାହାବାମାନେ ନିର୍ମାଣ କାର୍ଯ୍ୟରେ ଯୋଗ ଦେଇଥିଲେ ଏବଂ ସେହି ନିର୍ମାଣ କାର୍ଯ୍ୟରେ ଆଁହଜ଼ରତ୍ ସ.ଅ ସ୍ୱୟଂ ମଧ୍ୟ କାମ

କରିଥିଲେ । ମସଜିଦର ଉଚ୍ଚତା ସେତେବେଳେ ୧୦ ଫୁଟ୍ ଥିଲା । ଅର୍ଥାତ୍ ଛାତ ୧୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଥିଲା । ଲମ୍ବ ବା ଦୈର୍ଘ୍ୟ ୧୦୫ ଫୁଟ୍ ଥିଲା ଏବଂ ପ୍ରସ୍ଥ ପ୍ରାୟ ୯୦ ଫୁଟ୍ ରହିଥିଲା । ମସଜିଦର ଏକ କୋଣରେ ଏକ ଛାତର ଚବୁତରା (ଇଟା କିମ୍ବା ମାଟିର ଭୂମି ଠାରୁ କିଛି ଦୂରତାରେ ନିର୍ମିତ ହୋଇଥିବା ଏକଚତୁର୍କୋଣ ବିଶିଷ୍ଟ ସ୍ଥାନ)ର ନିର୍ମିତ ହୋଇଥିଲା । ଯାହାକୁ ଲୋକମାନେ ସଫା ବୋଲି କହୁଥିଲେ । ଏହା ସେହି ପ୍ରବାସକାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ଯେଉଁମାନଙ୍କର ଘର ବାଡ଼ି ନଥିଲା । ଏହି ଲୋକାମାନେ ଏହିଠାରେ ହିଁ ବସବାସ କରୁଥିଲେ ଏବଂ ସେମାନଙ୍କୁ ଅସହାବୁସ୍ ସଫା କହୁଯାଉଥିଲା । ମସଜିଦକୁ ଲାଗି ଆଁହଜ଼ରତ୍ ସ.ଅଙ୍କ ଲାଗି ନିବାସ ନିମନ୍ତେ ଏକ ଗୃହ ନିର୍ମାଣ ହୋଇଥିଲା । ସେହି ଗୃହ କଣ ଅସ୍ତିତ୍ତ୍ୱ ରହିଥିଲା ଅର୍ଥାତ୍ ୧୦,୧୫ ଫୁଟ୍ ବିଶିଷ୍ଟ ଏକ ଛୋଟିଆ ଗୃହ ଥିଲା । ସେହି ଗୃହ ଏବଂ ମସଜିଦ୍ ମଧ୍ୟରେ ଏକ କବାଟର ବ୍ୟବସ୍ଥା ଥିଲା । ଯାହାକୁ ଅତିକ୍ରମ କରି ହୁଜୁର୍ ସ.ଅ ମସଜିଦକୁ ନମାଜ୍ ପଢିବା ପାଇଁ ଆସୁଥିଲେ । ଯେତେବେଳେ ଆଁହଜ଼ରତ୍ ସ.ଅ ବିବାହ କଲେ ସେତେବେଳେ ଏହି ଗୃହ ବ୍ୟତୀତ ଏହାକୁ ସଂଲଗ୍ନ କରି ଅନ୍ୟ ଗୃହ ସବୁ ମଧ୍ୟ ପ୍ରସ୍ତୁତ ହୋଇଥିଲା ଏବଂ ମସଜିଦର ଆଖପାଖରେ କେତେକ ସାହାବାମାନଙ୍କର ମଧ୍ୟ ଗୃହ ପ୍ରସ୍ତୁତ ହୋଇଥିଲା । ସୁତରାଂ ଏ ଥିଲା ମସଜିଦ୍ ନବୱୀ ଯାହାକି ମଦିନା ମୁନୱରା ଠାରେ ନିର୍ମିତ ହୋଇଥିଲା ଏବଂ ସେ କାଳରେ ଜନସାଧାରଣଙ୍କର ଏପରି ଅନ୍ୟ କୌଣସି ଭବନ ନିର୍ମିତ ହୋଇ ନଥିଲା । ଯେଉଁଠାରେ ଜାତୀୟ ସ୍ୱାର୍ଥ ପରି ଗୁରତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା । ତେଣୁ ଏହି ଭବନଟି ଦେଶର ଜାତୀୟ ସ୍ୱାର୍ଥ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାରେ ସହାୟକ ହେଉଥିଲା । ସେତେବେଳେ ଏହି ମସଜିଦ୍ ହିଁ କାର୍ଯ୍ୟାଳୟର ଭୂମିକା ନିର୍ବାହ କରି ଆସୁଥିଲା ଏବଂ ଏହିଠାରେ ହିଁ ଆଁହଜ଼ରତ୍ ସଅଙ୍କର ସଭାମାନ ଆୟୋଜିତ ହେଉଥିଲା, ଏହିଠାରେ ହିଁ ଲୋକମାନେ ସମସ୍ତ ପ୍ରକାରର ପରାମର୍ଶ ବା ମତାମତ ସଂଗ୍ରହ କରୁଥିଲେ, ଏହିଠାରେ ହିଁ ମକଦ୍ଦମାର ବିଚାର ଓ ଶୁଣାଣି ହେଉଥିଲା, ଏହିଠାରେ ହିଁ ଆଦେଶନାମା ଜାରି ହେଉଥିଲା, ଏହି ମସଜିଦ ହିଁ ଗୋଷ୍ଠୀୟ ଅତିଥିଗୃହ ରୂପେ କାର୍ଯ୍ୟ କରି ଆସୁଥିଲା, ଏହି ମସଜିଦ୍ ହିଁ ଯୁଦ୍ଧରେ ଧରାପଡ଼ିଥିବା କଏଦୀମାନଙ୍କ ପାଇଁ କାରାଗାର ରୂପେ ବ୍ୟବହୃତ ହୋଇ ଆସୁଥିଲା ।

ହୁଜ଼ର୍ ଅନୱର୍ ଅ.ବ କହିଲେ ଯେ, ସାର୍ ଉଇଲିୟମ୍ ମିଓର୍ ଏହି ମସଜିଦ୍ ସଂପର୍କରେ ଉଲ୍ଲେଖ କରନ୍ତି ଯେ ଏହି ମସଜିଦ୍ ପଦାର୍ଥ ସାମଗ୍ରୀ ଦୃଷ୍ଟିକୋଣରୁ ଅତ୍ୟନ୍ତ ସରଳ ଏବଂ ସାଧାରଣ ମସଜିଦ୍ ଥିଲା । କିନ୍ତୁ ମହମ୍ମଦ୍ ସ.ଅଙ୍କର ଏହି ମସଜିଦ୍ ଇସଲାମୀୟ ଇତିହାସରେ ଏକ ଅତୀବ ଗୁରୁତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଈଶ୍ୱରଙ୍କର ପ୍ରିୟ ରସୁଲ୍ ଏବଂ ତାଙ୍କର ସହଚର ବା ଅନୁଗାମୀମାନେ ଏହି ମସଜିଦରେ ନିଜର ଅଧିକାଂଶ ସମୟ କାଳାତିପାତ କରୁଥିଲେ । ସେହିଠାରେ ହିଁ ଈସଲାମୀୟ ନିୟମିତ ବାଜମାଅତ୍ ନମାଜର ଶୁଭାରମ୍ଭ ହୋଇଥିଲା । ସେହିଠାରେ ହିଁ ସମସ୍ତ ମୁସଲମାନମାନେ ଶୁକ୍ରବାର ଦିନ ଅଲ୍ଲାଃତାଲାଙ୍କର ସଦ୍ୟତମ ଐଶୀବାଣୀ ସୁଣିବା ପାଇଁ ଏକତ୍ରିତା ହେଉଥିଲେ । ସେହିଠାରେ ଆଁହଜ଼ରତ୍ ସଅ ନିଜର ଜୟଯାତ୍ରା ସଂପର୍କିତ ପ୍ରସ୍ତାବ ନିର୍ଣ୍ଣୟ କରୁଥିଲେ । ସେହିଠାରେ ହିଁ ସେହି ଭବ୍ୟ ଭବନ ନିର୍ମିତ ହେଉଥିଲା ଯେଉଁଠାରେ ବିଜୟୀ ଏବଂ ଅନୁତପ୍ତ ଗୋଷ୍ଠୀମାନଙ୍କର ପ୍ରତିନିଧିମଣ୍ଡଳ ଆଁହଜ଼ରତ୍ ସଅଙ୍କ ସମକ୍ଷରେ ଉପସ୍ଥିତ ହେଉଥିଲେ । ଏହା ହିଁ ସେହି ଦରବାର ଥିଲା ଯେଉଁଠାରୁ ସେହି ରାଜକୀୟ ଅଦେଶନାମା ପ୍ରବର୍ତ୍ତନ ହେଉଥିଲା । ଯାହାକି ଆରବର ସୁଦୂର ଓ କୋଣ ଅନୁକୋଣ ପର୍ଯ୍ୟନ୍ତ ବିଦ୍ରୋହୀମାନଙ୍କୁ ଭୟଭୀତ ଏବଂ ପ୍ରକମ୍ପିତ କରିପକାଉଥିଲା ଏବଂ ପରିଶେଷରେ ଏହି ମସଜିଦକୁ ନିକଟସ୍ଥ ନିଜର ସ୍ତ୍ରୀ ଆଏଶା ର.ଅଙ୍କ କୋଠରୀରେ ଆଁହଜ଼ରତ୍ ସ.ଅ ନିଜର ଦେହ ତ୍ୟାଗ କରିଥିଲେ ଏବଂ ଏହି ସ୍ଥାନରେ ହିଁ ଆଁହଜ଼ରତ୍ ସ.ଅଙ୍କର ଦୁଇ ଖଲିଫାଙ୍କୁ ଉଭୟ ପାର୍ଶ୍ୱରେ ଅର୍ଥାତ୍ ବାମ ଏବଂ ଦକ୍ଷିଣ ପାର୍ଶ୍ୱରେ କବର ଦିଆଯାଇଛି । ସେ ଯାହାହେଉ ନା କାହିଁକି ହଜ଼ରତ୍ ସୁହୈଲ୍ ଏବଂ ତାଙ୍କର ଭାଇ ସହଲ୍ ସେହି ସୌଭାଗ୍ୟଶାଳୀ ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି ଯେଉଁମାନଙ୍କୁ ଇସଲାମର ଏହି ମହାନ୍ ଧାର୍ମିକ କେନ୍ଦ୍ର ପାଇଁ ନିଜର ଜମିକୁ ଉପସ୍ଥାପିତ ବା ଉତ୍ସର୍ଗ କରିବା ପାଇଁ ସାମର୍ଥ୍ୟ ସୁଯୋଗ ମିଳିଥିଲା।

ପୁନଶ୍ଚ ପରବର୍ତ୍ତୀ ସାହାବି ହେଉଛନ୍ତି ହଜ଼ରତ୍ ସାଆଦ୍ ବିନ୍ ଖୈସମା ର.ଅ । ସେ ଅସ୍ ସଂପ୍ରଦାୟଭୁକ୍ତ ଥିଲେ । ତାଙ୍କ ମାତାଙ୍କ ନାମ ହିନ୍ଦ୍ ବିନତ୍ ଅସ୍ ଥିଲା । ଆଁହଜ଼ରତ୍ ସ.ଅ ହଜ଼ରତ୍ ସାଆଦ୍ ବିନ୍ ଖୈସମା ଏବଂ ହଜ଼ରତ୍ ଅବୁ ସଲମା ବିନ୍ ଅବ୍ଦୁଲ୍ ଅସଦ ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ହଜ଼ରତ୍ ସାଆଦ୍ ସେହି ୧୨ ଜଣ ବାର୍ତ୍ତା ଉଦଘୋଷଣାକାରୀ ତଥା ବାର୍ତ୍ତା ପ୍ରଚାରକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତଥିଲେ ଯେଉଁମାନଙ୍କୁ ଆଁହଜ଼ରତ୍ ସ.ଅ ବୈଅତେ ଅକ୍ବା ସାନିୟା ଅବସରରେ ମଦିନାର ମୁସଲମାନମାନଙ୍କର ବାର୍ତ୍ତା ଉଦଘୋଷଣାକାରୀ ରୂପେ ନିଯୁକ୍ତ କରିଥିଲେ । ସିରତ୍ ଖାତମୁନ୍ ନବୀୟିନରେ ହଜ଼ରତ୍ ମିର୍ଜ଼ା ବଶୀର୍ ଅହମଦ୍ ସାହାବ୍ ଉଲ୍ଲେଖ କରନ୍ତି ଯେ, ୧୩ ନବୱୀରେ ଜ଼ିଲ୍ ହଜ୍ଜା ମାସରେ ଅଓସ୍ ଏବଂ ଖଜ଼ରଜ୍ ସଂପ୍ରଦାୟର ଶତାଧିକ ଲେକମାନେ ମକ୍କା ଆସିଥିଲେ । ତନ୍ମଧ୍ୟରୁ ୭୦ ଜଣ ବ୍ୟକ୍ତି ଏପରି ଥିଲେ ଯେଉଁମାନେ ହୁଏତ ମୁସଲମାନ ହୋଇଯାଇଥିଲେ କିମ୍ବା ବର୍ତ୍ତମାନ ସେମାନେ ମୁସଲମାନ ହେବାକୁ ଚାହୁଁଥିଲେ । ଆଁହଜ଼ରତ୍ ସ.ଅ ଧାର୍ଯ୍ୟ ତାରିଖରେ ରାତ୍ର ସମୟରେ ଏକୁଟିଆ ଘରୁ ବାହାରିଲେ ଏବଂ ବାଟରେ ନିଜର ଚଚା ଅବ୍ବାସ୍ ର.ଅଙ୍କୁ ସାଙ୍ଗରେ ଧରିଲେ । ଯିଏକି ସେତେବେଳ ପର୍ଯ୍ୟନ୍ତ ମୁସଲମାନ ହୋଇ ନଥିଲେ । କିନ୍ତୁ ସେ ହୁଜ଼ୁର୍ ସ.ଅଙ୍କୁ ଭଲ ପାଉଥିଲେ । ଦୁହେଁ ମିଶି ଘାଟିରେ ପହଁଞ୍ଚିଲେ । ସେଠାରେ ପହଁଞ୍ଚିବାକୁ ବର୍ତ୍ତମାନ ଅଧିକ ସମୟ ହୋଇ ନଥିଲା କି ଅନସାରମାନେ ମଧ୍ୟଜଣେ ଜଣେ ଓ ଦୁଇ ଦୁଇ ଜଣ କରି ସେଠାରେ ଆସି ପହଁଞ୍ଚିଗଲେ । ସର୍ବପ୍ରଥମେ ହଜ଼ରତ୍ ଅବ୍ବାସ୍ ର.ଅ କଥୋପକଥନ ଆରମ୍ଭ କଲେ ଯେ, ହେ ଖଜ଼ରଜ୍ ସଂପ୍ରଦାୟ ! ମହମ୍ମଦ୍ ସ.ଅ ନିଜ ବଂଶରେ ଜଣେ ସମ୍ମାନିତ ଓ ପ୍ରିୟତମ ବ୍ୟକ୍ତି ଅଟନ୍ତି ଏବଂ ସେହି ବଂଶଟି ଆଜି ପର୍ଯ୍ୟନ୍ତ ତାଙ୍କର ସୁରକ୍ଷା ଦାୟୀତ୍ତ୍ୱ ନିର୍ବାହ କରିଆସିଛି ଏବଂ ପ୍ରତ୍ୟେକ ବିପଦ ସମୟରେ ତାହାଙ୍କ ପାଇଁ ସୁରକ୍ଷା ଢାଲ ବା କବଚ ରୂପେ ସାବ୍ୟସ୍ତ ହୋଇଛି । କିନ୍ତୁ ବର୍ତ୍ତମାନ ମହମ୍ମଦ୍ ସ.ଅଙ୍କ ସଂକଳ୍ପ କରିଛନ୍ତି ଯେ, ସେ ନିଜର ମାତୃଭୂମିକୁ ଛାଡ଼ି ତୁମ ନିକଟକୁ ଚାଲିଯିବେ । ତେଣୁ ଯଦି ତୁମେମାନେ ତାଙ୍କୁ ନିଜ ପାଖକୁ ନେଇ ଯିବାର ଇଚ୍ଛୁକ ତେବେ ତୁମମାନଙ୍କୁ ସାମଗ୍ରିକ ରୂପେ ତାଙ୍କର ସୁରକ୍ଷା କରିବାକୁ ପଡ଼ିବ ଏବଂ ଯଦି ତୁମେ ଏଥିପାଇଁ ପ୍ରସ୍ତୁତ ତେବେ କୁହ ନଚେତ୍ ସ୍ପଷ୍ଟ ଉତ୍ତର ଦେଇଦିଅ । କାରଣ ସ୍ପଷ୍ଟ କଥା ଭଲ ପ୍ରମାଣିତ ହୋଇଥାଏ । ବରାଅ ବିନ ମାଆରୁର୍ ଯିଏକି ଅନସାର୍ ସଂପ୍ରଦାୟର ବୟୋଜ୍ୟୋଷ୍ଠ ବ୍ୟକ୍ତି ଏବଂ ପ୍ରଭାବଶାଳୀ ଥିଲେ, ସେ କହିଲେ ଯେ, ଆମ୍ଭେମାନେ ଚାହୁଁଛୁ ଯେ ରସୁଲୁଲ୍ଲାଃ ସ.ଅ ସ୍ୱୟଂ ନିଜର ପବିତ୍ର ତୁଣ୍ଡରୁ କିଛି କୁହନ୍ତୁ । ପ୍ରତ୍ୟୁତ୍ତରରେ ଆଁହଜ଼ରତ୍ ସ.ଅ କୁରଆନ୍ ଶରୀଫ୍-ର କେତେକ ଆୟତ୍ ଆବୃତ୍ତି କଲେ ଏବଂ ନିଜର ଏକ ସଂକ୍ଷିପ୍ତ ଭାଷଣରେ ଇସଲାମୀୟ ଶିକ୍ଷା ସମ୍ବନ୍ଧରେ ଆଲୋକପାତ କଲେ ଏବଂ ଅଲ୍ଲାଃତାଲାଙ୍କ ପ୍ରତି ଅଧିକାର ଏବଂ ଭକ୍ତମାନଙ୍କର ଅଧିକାର ପ୍ରତି ସଚେତନ କରାଇଲେ ଏବଂ ବ୍ୟାଖ୍ୟା କରି କହିଲେ ଯେ, ମୁଁ ମୋ ନିଜ ପାଇଁ କେବଳ ଏତିକି ଚାହୁଁଛି ଯେଯେପରି ତୁମେମାନେ ନିଜର ବନ୍ଧୁ ପରିଜନମାନଙ୍କର ରକ୍ଷା କରୁଛ ସେହିପରି ତୁମେମାନେ ଆବଶ୍ୟକ ସ୍ଥଳେ ମୋ ସହିତ ମଧ୍ୟ ସେହିପରି ନ୍ୟାୟ ବା ପଦକ୍ଷେପ ଗ୍ରହଣ କରିବ । ବରାଅ ବିନ୍ ମାଆରୁର୍ ଆରବମାନଙ୍କ ପ୍ରଥାନୁସାରେ ହୁଜ଼ୁର୍ ସ.ଅଙ୍କର ହାତ ନିଜ ହାତରେ ଧରି କହିଲେ ଯେ, ହେ ରସୁଲୁଲ୍ଲାଃ ସ.ଅ ! ଆମେମାନେ ସେହି ଈଶ୍ୱରଙ୍କର ଶପଥ କରି କହୁଛୁ ଯେ, ଯିଏ ଆପଣଙ୍କୁ ଯଥାର୍ଥ ଏବଂ ସତ୍ୟତାର ସହିତ ପ୍ରେରଣ କରିଛନ୍ତି ଯେ, ଆମ୍ଭେମାନେ ନିଜ ଜୀବନ ପରି ଆପଣଙ୍କର ରକ୍ଷା କରିବୁ । କାରଣ ଆମ୍ଭେମାନେ ଖଡ଼ଗର ଛତ୍ରଛାୟାରେ ଲାଳିତ ପାଳିତ ହୋଇଛୁ । ପୁନଶ୍ଚ ସେହି ଲୋକମାନେ ଆପଣ ସ.ଅଙ୍କୁ ପଚାରିଲେ ଯେ, ଆମ୍ଭେମାନେ ତ' ସବୁ କିଛି ପ୍ରୟାସ କରିବୁ କିନ୍ତୁ ଏହା ବଦଳରେ ଆମ୍ଭମାନଙ୍କୁ କ'ଣ ବା ପ୍ରାପ୍ତ ହେବ । ହୁଜ଼ୁର୍ ସ.ଅ ଉତ୍ତରେ ଦେଲେ ଯେ, ତୁମ୍ଭମାନଙ୍କୁ ଅଲ୍ଲାଃତାଲାଙ୍କର ସ୍ୱର୍ଗ ପ୍ରାପ୍ତି ହେବ । ଯାହାକି ଅଲ୍ଲାଃତାଲାଙ୍କର ସବୁ ନେମତ୍ ଠାରୁ ସବ୍ରବୃହତ୍ ପୁରସ୍କାର ଅଟେ । ସମସ୍ତ ଅନସାରମାନେ କହିଲେ ଯେ, ହେ ରସୁଲୁଲ୍ଲାଃ ସ.ଅ ! ଆମ୍ଭମାନଙ୍କୁ ଏହି ବ୍ୟାପାରିକ ସର୍ତ୍ତଟି ମଞ୍ଜୁର ଅଛି । ଆପଣ ନିଜର ହସ୍ତକୁ ଆଗକୁ ବଢାନ୍ତୁ । ତେଣୁ ରସୁଲୁଲ୍ଲାଃ ସ.ଅ ନିଜର ନିଜର ହସ୍ତ ଆଗକୁ କଲେ ଏବଂ ୭୦ ଜଣ ପ୍ରାଣ ଉତ୍ସର୍ଗକାରୀଙ୍କର ଏକ ଦଳ ଏକ ଆତ୍ମରକ୍ଷା ଜନିତ ଚୁକ୍ତି ଅନୁଯାୟୀ ଆଁହଜ଼ରତ୍ ସ.ଅଙ୍କ ହସ୍ତରେ ବିକ୍ରି ହୋଇଗଲା । ସୁତରାଂ

ଏହି ବୈଅତର ନାମ ବୈଅତେ ଅକ୍ବା ସାନିୟା ଅଟେ। ବୈଅତ୍ ପରେ ଆଁହଜ଼ରତ୍ ସ.ଅ ସେମାନଙ୍କ ମଧ୍ୟରେ ୧୨ଜଣଙ୍କୁ ବାର୍ତ୍ତା ଉଦଘୋଷଣାକାରୀ ରୂପ ନିଯୁକ୍ତ କଲେ । ସେମାନଙ୍କର ନାମ ଏହିପରି ହେଲା; **ଅସଅଦ୍ ବିନ୍ ଜ଼ରାରହ୍, ଉସୈଦ୍ ବିନ୍ ହଜ଼ିର୍, ଅବୁ ଲହୈସମ୍ ବିନ୍ ମାଲିକ୍ ବିନ୍ ତୈହାନ୍ ସାଆଦ୍ ବିନ୍ ଉବାଦାହ୍, ବରାଅ ବିନ୍ ମାଆରୁର୍, ଅବ୍ଦୁଲ୍ଲାଃ ବିନ୍ ରୱାହା, ଉବାଦାହ୍ ବିନ୍ ସାମିତ୍, ସାଆଦ୍ ବିନ୍ ରବିଇ, ଅରଫାଅ ବିନ୍ ମାଲିକ୍, ଅବ୍ଦୁଲ୍ଲାଃ ବିନ୍ ଅମ୍ର ଏବଂ ସାଆଦ୍ ବିନ୍ ଖୈସମା ଓ ମୁନଜ଼ର୍ ବିନ୍ ଅମ୍ର ।**

ହୁଜ୍ଜୁର୍ ଅନୱର୍ ଅ.ବ କହିଲେ : ହଜ଼ରତ୍ ସାଆଦ୍ ବିନ୍ ଖୈସମାଙ୍କର କୁବା ଠାରେ ଏକ କୂପ ରହିଥିଲା । ଯାହାକୁ ଅଲ୍ ଗର୍ସ କୁହାଯାଉଥିଲା ଆଁହଜ଼ରତ୍ ସ.ଅଙ୍କ ବିୟୋଗ ପରେ ତାଙ୍କୁ ସେହି କୂପର ପାଣି ଦ୍ୱାରା ସ୍ନାନ ଦିଆଯାଇଥିଲା । ରସୁଲୁଲ୍ଲାଃ ସ.ଅ କହିଥିଲେ ଯେ, ଯେତେବେଳେ ମୋର ବିୟୋଗ ଘଟିବ ସେତେବେଳେ ବେଏରେ ଗର୍ସ (ଗର୍ସ କୂପରୁ)ରୁ ସାତ ମଶକିଜ଼ାହ୍ (ଜଳ ଥଳୀ) ପାଣି ଦ୍ୱାରା ସ୍ନାନ କରାଇବ । ନବୀ ସ.ଅଙ୍କୁ ତିନି ଥର ସ୍ନାନ କରାଗାଲା । ହଜ଼ରତ୍ ଅଲୀ ର.ଅ ହଜ଼ରତ୍ ଅବ୍ବାସ୍ ର.ଅଙ୍କୁ ସ୍ନାନ କରାଇଥିଲେ ଏବଂ ହଜ଼ରତ୍ ଫଜଲ୍ ହଜ଼ରତ୍ ଅଲୀ ର.ଅଙ୍କୁ ସ୍ନାନ କରାଇଥିଲେ ।

ସୁଲୈମାନ ବିନ୍ ଅୟାନ୍ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ରସୁଲୁଲ୍ଲାଃ ବଦର୍ ଯୁଦ୍ଧ ପାଇଁ ବାହାରିଲେ ସେତେବେଳେ ସାଆଦ୍ ବିନ୍ ଖୈସମା ଏବଂ ତାଙ୍କର ପିତା ଉଭୟେ ଆଁହଜ଼ରତ୍ ସ.ଅଙ୍କ ସହିତ ଯିବା ପାଇଁ ଇଚ୍ଛା ପ୍ରକାଶ କଲେ । ଆଁହଜ଼ରତ୍ ସ.ଅ ତାଙ୍କର ମାର୍ଗଦର୍ଶନ କରି କହିଲେ ଯେ, ଉଭୟଙ୍କ ମଧ୍ୟରୁ କେବଳ ଜଣେ ଯୁଦ୍ଧ ପାଇଁ ଯାଇ ପାରିବ । ତେଣୁ ଉଭୟ(କୁର୍ରା) ଗୁଳା ପକାଇ ନିଅନ୍ତୁ । ହଜ଼ରତ୍ ଖୈସମ୍ ନିଜର ପୁତ୍ର ସାଆଦକୁ କହିଲେ ଯେ ଆମମାନଙ୍କ ମଧ୍ୟରୁ କେବଳ ଜଣେ ହିଁ ଯାଇ ପାରିବ । ତୁମେ ଗୋଟେ କାମ କର ଯେ, ତୁମେ ମହିଳାମାନଙ୍କ ପାଖରେ ସଂରକ୍ଷଣ ବା ନିରୀକ୍ଷଣ ପାଇଁ ରହିଯାଅ। ହଜ଼ରତ୍ ସାଆଦ୍ କହିଲେ ଯେ, ଯଦି ସ୍ୱର୍ଗ ବ୍ୟତୀତ ଅନ୍ୟ କୌଣସି କଥା ହୋଇ ଥାଆନ୍ତା ତେବେ ମୁଁ ଆପଣଙ୍କୁ ନିଶ୍ଚିତ ଅଗ୍ରାଧିକାର ଦେଇଥାଆନ୍ତି । କିନ୍ତୁ ମୁଁ ତ' ସ୍ୱୟଂ ଶାହାଦତ୍ (ବୀରଗତି ପ୍ରାପ୍ତ କରିବାର) ଅଭିଳାଷୀ । ପ୍ରତ୍ୟୁତ୍ତରରେ ଉଭୟେ କୁର୍ରା ପକାଇଲେ । ତେବେ କୁର୍ରାରେ ହଜ଼ରତ୍ ସାଆଦଙ୍କ ନାଁ ବାହାରିଲା । ଅତଃ ସେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ବଦର୍ ଯୁଦ୍ଧ ପାଇଁ ବାହାରିଲେ ଏବଂ ବଦର୍ ଯୁଦ୍ଧରେ ହିଁ ବୀରଗତି ପ୍ରାପ୍ତ କରିଥିଲେ ।

ଗୋଟିଏ ରିୱାୟତ୍ ମୁତାବକ ବଦର୍ ଯୁଦ୍ଧରେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଦୁଇଟି ଅଶ୍ୱ ଥିଲେ । ଗୋଟିଏ ଅଶ୍ୱ ଉପରେ ହଜ଼ରତ୍ ମସଅବ୍ ବିନ୍ ଉମୈର୍ ଏବଂ ଅନ୍ୟ ଅଶ୍ୱ ଉପରେ ହଜ଼ରତ୍ ସାଆଦ୍ ବିନ୍ ଖୈସମା ଆରୋହଣ ହୋଇଥିଲେ । ହଜ଼ରତ୍ ଜ଼ୁବୈର୍ ବିନ୍ ଅୱାମ୍ ଏବଂ ହଜ଼ରତ୍ ମିକ୍ଦାଦ୍ ବିନ୍ ଅସୱଦ୍ ମଧ୍ୟ ପାଳି କରି ଅଶ୍ୱ ଉପରେ ଆରୋହଣ ହୋଇଥିଲେ ।

ହୁଜ୍ଜୁର୍ ଅନୱର୍ ଅ.ବ କହିଲେ : ହଜ଼ରତ୍ ମିର୍ଜା ବଶୀର୍ ଅହମଦ୍ ସାହେବ୍ ମତରେ ବଦର୍ ଯୁଦ୍ଧରେ ମୁସଲମାନ ପାଖରେ ୭୦ଟି ଓଟ ଏବଂ ୨ଟି ଅଶ୍ୱ ଥିଲା । ସେ ଯାହାହେଉ ନା କାହିଁକି ଯାହାକିଛି ଜିନିଷ ସାମଗ୍ରୀ ସବୁ ରହିଥିଲା ଯେପରି ଅଶ୍ୱ ଏବଂ ଓଟ, ତାହାର କୁଫ୍ଫାରମାନଙ୍କ ସହିତ ତୁଳନା କରାଯାଇପାରିବ ନାହିଁ । କିନ୍ତୁ ଯେତେବେଳେ ମୁସଲମାନମାନଙ୍କ ଉପରେ ଆକ୍ରମଣ ହେଲା ଯୁଦ୍ଧ ଆରମ୍ଭ ହେଲା ଏବଂ କୁଫ୍ଫାରମାନେ ନିଜର ବିଚାରରେ ଏଇଥିପାଇଁ ଆକ୍ରମଣ କଲେ ଯେ, ଆଜି ଇସଲାମର ମୂଳୋତ୍ପାଟନ କରିଦେବା । ସେତେବେଳେ ସେହି ବିଶ୍ୱାସକାରୀମାନେ ନିଜର ସାଜ ସରଞ୍ଜାମ ଆଡ଼କୁ ଚାହିଁଲେ ନାହିଁ । ବରଂ ଅଲ୍ଲାଃତାଲାଙ୍କ ପାଇଁ ଜଳାଞ୍ଜଳୀ ପାଇଁ ବ୍ୟଗ୍ର ଥିଲେ । ଯାହାକୁ ଅଲ୍ଲାଃତାଲା ଗ୍ରହଣ କଲେ ଏବଂ ବିଜୟ ମଧ୍ୟ ପ୍ରଦାନ କଲେ । ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତରେ ସ୍ୱର୍ଗରେ ସେହି ସାହାବାମାନଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । (ଆମିନ୍)

**KHULASA KHUTBA JUMA HUZOOR ANWAR a.b.a**

**.........................................................**

**15th March2019**

**...........................**